# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ

## ସ୍ୱତନ୍ତ୍ର ଭୂ-ଅର୍ଜନ କକ୍ଷ, ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ

ସଂଖ୍ୟା-................., ତା-....................

## ସର୍ବସାଧାରଣ ବିଜ୍ଞପ୍ତି

ପୁରୀ ଜିଲ୍ଲାପାଳଙ୍କ ଆଦେଶକ୍ରମେ ଏତଦ୍ୱାରା ମୌଜା-ବାସେଳିସାହି, ମଣିକର୍ଣ୍ଣିକାସାହି, କାଳିକାଦେବିସାହି, ଦୋଳମଣ୍ଡପସାହି ଓ ଚୁଡ଼ଙ୍ଗସାହି ଅନ୍ତର୍ଗତ ୱାର୍ଡ ନଂ-୨, ୩, ୪, ୯, ୧୨, ୧୫ ଏବଂ ୧୭ ଅଧିବାସୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ରାଜ୍ୟ ସରକାରଙ୍କ ନିଷ୍ପତି ଅନୁଯାୟୀ ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ ଚତୁଃପାର୍ଶ୍ୱରେ "ଶ୍ରୀ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟର ଉନ୍ନତୀକରଣ"(Development of Heritage Security Corridor around Shree Jagannath Temple, Puri) ପ୍ରକଳ୍ପ କରାଯାଉଅଛି । ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଓଡିଶା ସାମାଜିକ ପ୍ରଭାବ ଆକଳନ ୟୁନିଟ୍ (Odisha state SIA unit, NCDS, Bhubaneswar) ଏକ ଚିଠା ସାମାଜିକ ପ୍ରଭାବ ବିବରଣୀ (Draft SIA Report) ପ୍ରସ୍ତୁତ କରିଅଛନ୍ତି । ଉକ୍ତ ଜମି ଅଧିଗ୍ରହଣ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ୱାର୍ଡବାସୀମାନଙ୍କର ମତାମତ ନେବାପାଇଁ RFCTLAR&R Act 2013 ର ଧାରା (୫) ତଥା RFCTLAR&R, Odisha Rules, 2016 ନିୟମ ୧୪ ଅନୁପାଳନ କ୍ରମେ ନିମ୍ନ ସୂଚୀ ଅନୁଯାୟୀ ଏକ ଜନଶୁଣାଣୀ ଆୟୋଜନ ସ୍ଥିରୀକୃତ ହୋଇଅଛି । ପ୍ରକଳ୍ପ ପ୍ରଭାବିତ ୱାର୍ଡବାସୀମାନେ ଉକ୍ତ ଜନଶୁଣାଣୀରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଏବଂ ତତ୍‌ଜନିତ ସାମାଜିକ ପ୍ରଭାବ ବିବରଣୀ ଉପରେ ନିଜର ମତାମତ ଉପସ୍ଥାପନ କରିବାପାଇଁ ଅନୁରୋଧ କରାଯାଉଅଛି । ଉକ୍ତ ଜମି ଅଧିଗ୍ରହଣର ଭୂମି ଅନୁସୂଚି ଏବଂ ନକ୍ସା ଭୂ-ଅର୍ଜନ ଅଧିକାରୀ, ପୁନର୍ବାସ ଓ ଥଇଥାନ ଙ୍କ କାର୍ଯ୍ୟାଳୟ, ତହସିଲଦାର ପୁରୀ ଓ ପୁରୀ ପୌର ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ସମ୍ପୃକ୍ତ ପ୍ରଭାବିତ ୱାର୍ଡବାସୀମାନଙ୍କ ଅବଗତି ନିମନ୍ତେ ଉପଲବ୍ଧ । ଏଣୁ ଆପଣ ମାନଙ୍କୁ ଅନୁରୋଧ ନିମ୍ନବର୍ଣ୍ଣିତ ଦିନ ଓ ସ୍ଥାନରେ ଉପସ୍ଥିତ ରହି ଆପଣମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିବା ହେବେ ।

| ପ୍ରଭାବିତ ମୌଜା/ୱାର୍ଡ | କି ପ୍ରକାର ସଭା | ଦିନାଙ୍କ | ସମୟ | ସ୍ଥାନ |
|---|---|---|---|---|
| ବାସେଳିସାହି, ମଣିକର୍ଣ୍ଣିକାସାହି, କାଳିକାଦେବିସାହି, ଦୋଳମଣ୍ଡପସାହି ଓ ଚୁଡ଼ଙ୍ଗସାହି ୱାର୍ଡ ନଂ-୨, ୩, ୪, ୯, ୧୨, ୧୫ ଏବଂ ୧୭ | ଜମିଅଧିଗ୍ରହଣ ନିମନ୍ତେ ଜନଶୁଣାଣୀ | ୧୮-୦୩-୨୦୨୦ ବୁଧବାର | ପୂର୍ବାହ୍ନ ୧୧ ଘଟିକା | ନୀଳାଦ୍ରି ଭକ୍ତ ନିବାସ, ପୁରୀ |

ଜିଲ୍ଲାପାଳଙ୍କ ଆଦେଶକ୍ରମେ,

(ସ୍ୱାକ୍ଷର) ୦୩/୨୦୨୦

ଭୂ-ଅର୍ଜନ ଅଧିକାରୀ, ପୁନର୍ବାସ ଓ ଥଇଥାନ,
ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ, ପୁରୀ